ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/136/28-04-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୮ ଅପ୍ରେଲ, ୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଦେଶରେ ଏକ ବିରାଟ ସଂକଟ ମଧ୍ୟରେ ଆମେ ରହିଛୁ । ଅନେକ ରାଜ୍ୟ ଏବଂ ମହାନଗରଗୁଡ଼ିକରେ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଭାରି ବୋଝ ପଡ଼ିଛି । ଓଡ଼ିଶାରେ ପରିସ୍ଥିତିର ପରିଚାଳନାକୁ ସୁନିଶ୍ଚିତ କରିବା ପାଇଁ ଆମେ ସଂପୂର୍ଣ୍ଣ ସାବଧାନ ଏବଂ ସତର୍କ ରହିବା ଜରୁରୀ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଂକ୍ରମଣ ବୃଦ୍ଧି ସତ୍ତ୍ୱେ ଏପର୍ଯ୍ୟନ୍ତ ଆମେ କୋଭିଡ୍ ଯତ୍ନକୁ ପରିଚାଳନା କରିବାରେ ସମର୍ଥ ହୋଇଛୁ । ଅବଶ୍ୟ କେତେକ ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର ପ୍ରମୁଖ କାରଣ ହୋଇଛି । ଏହି ଭୂତାଣୁ ବର୍ତ୍ତମାନ ଦୁଇଥର କିମ୍ବା ତିନିଥର ପରିବର୍ତ୍ତନ ହେବା ପରେ ବ୍ୟାପୁଅଛି, ଫଳରେ ଯୁବବର୍ଗ ଆକ୍ରାନ୍ତ ହେଉଛନ୍ତି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଏହି ଖରାପ ସମୟରେ ଆମକୁ ସବୁବେଳେ ପ୍ରସ୍ତୁତ ରହିବାକୁ ହେବ ଏବଂ ଏହି ସିଦ୍ଧାନ୍ତ ଦ୍ୱାରା ଆମେ ପୂର୍ବରୁ ପ୍ରାକୃତିକ ବିପର୍ଯ୍ୟୟର ଫଳପ୍ରଦ ମୁକାବିଲା କରିପାରିଥିଲୁ । ସମସ୍ତ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ସ୍ଥାନୀୟ ପରିସ୍ଥିତି ଅନୁଯାୟୀ ସେମାନଙ୍କ ଯଥାର୍ଥ ବିଚାର ପ୍ରୟୋଗ କରି ସବୁମତେ ସମାଧାନର ପନ୍ଥା ସ୍ଥିର କରିବାକୁ ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ପର୍ଯ୍ୟବେକ୍ଷକମାନଙ୍କୁ ଏଥିପ୍ରତି ତୀକ୍ଷ୍ଣଦୃଷ୍ଟି ଦେବାକୁ ହେବ । ଯାହା ବି ଅଭାବ ଥିବ ତାକୁ ବିଭାଗଗୁଡ଼ିକ ଭରଣା କରିବେ । ମୁଖ୍ୟ ଶାସନ ସଚିବ ଏହା ଉପରେ ନଜର ରଖିବେ ଏବଂ ପରବର୍ତ୍ତୀ ବୈଠକରେ ତାଙ୍କୁ ଅବଗତ କରିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କେତେକ ସହରରେ ବ୍ୟବସାୟୀ ଗୋଷ୍ଠୀ ସ୍ୱେଚ୍ଛାକୃତ ଭାବେ ବ୍ୟବସାୟ କାରବାରର ସମୟ ହ୍ରାସ ସାଙ୍ଗକୁ ଦୋକାନ ବନ୍ଦ କରିବାର ନିଷ୍ପତ୍ତି ନେଇଥିବାରୁ ଖୁସି ବ୍ୟକ୍ତ କରିଛନ୍ତି । ଏହାକୁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ବର୍ଣ୍ଣନା କରି ମାନ୍ୟବର ମୁଖ୍ୟମନ୍ତ୍ରୀ କୋଭିଡ୍-୧୯ ପରିଚାଳନାରେ ଗୋଷ୍ଠୀମାନଙ୍କର ସଂପୂର୍ଣ୍ଣ ଭାଗୀଦାରିକୁ ପ୍ରଶଂସା କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ଲକ୍‌ଡାଉନ୍ ଏଡ଼ାନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ଏ ପ୍ରକାର ଗୋଷ୍ଠୀଭିତ୍ତିକ ଅଭିଯାନ ଦିଗରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସେଗୁଡ଼ିକ ପ୍ରଭାବଶାଳୀ ଏବଂ ସ୍ଥାୟୀ ଅଟେ । ନାଗରିକ ସଂଗଠନ, ବ୍ୟବସାୟୀ ସଂଗଠନ ଏବଂ ବିଭିନ୍ନ ଗୋଷ୍ଠୀଙ୍କୁ ଆମ ପ୍ରୟାସରେ ଅଂଶୀଦାର କରାଯିବା ଉଚିତ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ  ରୋଗୀଙ୍କ ନିମନ୍ତେ ପର୍ଯ୍ୟାପ୍ତ ତଥା ଉଚିତ ସମୟରେ ଅମ୍ଳଜାନ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଅମ୍ଳଜାନ ଯୋଗାଣ ଯୋଜନା ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ । ଆବଶ୍ୟକ ସମୟରେ ରୋଗୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଔଷଧ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ଦ୍ୱିତୀୟ ଲହରି ଆମେ ଦୀର୍ଘ ସମୟ ପାଇଁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ଅନୁଭୂତି ପ୍ରଦାନ କରିଛି । ଆମେ ଉପଯୁକ୍ତ ଭାବେ ମାସ୍କ ପିନ୍ଧିବା, ହାତ ଧୋଇବା, ସାମାଜିକ ଦୂରତା ବଜାୟ ରଖିବା ପରି କୋଭିଡ୍ ମାର୍ଗଦର୍ଶିକା ପାଳନ କଲେ ଏଥିରେ ବିଜୟ ଲାଭ କରିପାରିବା । ମାନ୍ୟବର ମୁଖ୍ୟମନ୍ତ୍ରୀ ଆମର ଆଗଧାଡ଼ିର ଯୋଦ୍ଧାମାନଙ୍କର ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତା ସୁନିଶ୍ଚିତ କରିବାକୁ ଆନ୍ତରିକ ନିବେଦନ କରିଛନ୍ତି । ଆମର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀ ଜୀବନ ବଞ୍ଚାଇବା ପାଇଁ କଠିନ ପରିଶ୍ରମ କରୁଛନ୍ତି ବୋଲି ଦର୍ଶାଇ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କୋଭିଡ୍-୧୯ ବିରୁଦ୍ଧରେ ଏହି ଯୁଦ୍ଧକୁ ସଫଳତାର ସହ ମୁକାବିଲା କରିବାକୁ ହେଲେ ଆମ ସମସ୍ତଙ୍କୁ ଦାୟିତ୍ୱପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାକୁ ହେବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ସହାୟତା ଯୋଗାଇବା ପାଇଁ ରାଜ୍ୟ ସରକାର ଯଥାସମ୍ଭବ ଚେଷ୍ଟା କରୁଛନ୍ତି ବୋଲି କହିବା ସହ ଡାକ୍ତରଖାନାଗୁଡ଼ିକର ଭାର ହ୍ରାସ କରିବାରେ ଲୋକମାନେ ସାହାଯ୍ୟ କରିବେ ବୋଲି ଆଶା କରିଛନ୍ତି । ଗୋଟିଏ ସଂକ୍ରମଣ ହ୍ରାସ ହେବାର ଅର୍ଥ ହେଉଛି ଗୋଟିଏ ଶଯ୍ୟା ସଂଚୟ କରାଯାଇପାରିଛି, ଗୋଟିଏ ଆଇସିୟୁ ଶଯ୍ୟା ରହିପାରିଛି, ସର୍ବୋପରି ଜଣେ ଜୀବନ ଏବଂ ମୃତ୍ୟୁ ଭଳି ପରିସ୍ଥିତିକୁ ଏଡ଼ାଇ ପାରିଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ତଥା ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ଶିଳ୍ପ ସମୃଦ୍ଧ ରାଜ୍ୟ ଗଠନ ସହ ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ନିଜ ବହୁମୂଲ୍ୟ ଅବଦାନ ପାଇଁ ସେ ଚିରସ୍ମରଣୀୟ ରହିବେ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଯଶସ୍ୱୀ ସାରସ୍ୱତ ସାଧକ ମନୋଜ ଦାସଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗତ ମନୋଜ ଦାସଙ୍କ ଅମଳିନ ପ୍ରତିଭା ସାହିତ୍ୟ ଓ ଦର୍ଶନ ଜଗତ ପାଇଁ ସବୁବେଳେ ଏକ ଆଲୋକସ୍ତମ୍ଭ ହୋଇରହିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

**‘ମାସ୍କ ପିନ୍ଧନ୍ତୁ, ଲକ୍‌ଡାଉନ୍ ଏଡ଼ାନ୍ତୁ’**

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ତାଙ୍କ ବିୟୋଗରେ ଉତ୍କଳ ଜନନୀ ତା'ର ଅନ୍ୟତମ ସୁଯୋଗ୍ୟ ସନ୍ତାନକୁ ହରାଇଲା । ମାନ୍ୟବର ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି ।

➢ ଆଜି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡ. ସଂଘମିତ୍ରା ପତି ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଅମରେନ୍ଦ୍ର ନାଥ ମହାନ୍ତି କୋଭିଡ୍ ସଂପର୍କରେ ଜନସାଧାରଣଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

- ଭୂତାଣୁର ରୂପରେ ଭିନ୍ନତା କାରଣରୁ କୋଭିଡ୍ ଦ୍ୱିତୀୟ ଲହରି ଅବଧିରେ ସଂକ୍ରମଣର ହାର ବୃଦ୍ଧି ପାଇଛି । କୋଭିଡ୍ ନିୟମାବଳୀ ପାଳନ କରିବାରେ କୌଣସି ପ୍ରକାର ଉଦାସୀନତା ଅବଲମ୍ବନ କରିବା ଉଚିତ ନୁହେଁ ।

- ଯଦି କେହି କୋଭିଡ୍ ପଜିଟିଭ୍ ରୋଗୀଙ୍କ ସଂସ୍ପର୍ଶରେ ଆସନ୍ତି ସେ ସେହିଦିନ ନିଜର ପରୀକ୍ଷଣ କରାଇବା ନିହାତି ଜରୁରୀ । ଅନ୍ୟ ପକ୍ଷରେ ଯଦି ତାଙ୍କର ଲକ୍ଷଣ ପ୍ରକାଶ ପାଇ ନଥାଏ ତେବେ ସେ ୩ରୁ ୫ ଦିନ ମଧ୍ୟରେ ପରୀକ୍ଷା କରାଇବା ଦରକାର ।

- କୋଭିଡ୍ ପରୀକ୍ଷଣ ଫଳାଫଳ ନପାଇବା ପର୍ଯ୍ୟନ୍ତ ସଂପୃକ୍ତ ବ୍ୟକ୍ତି ନିଜେ ପୃଥକବାସରେ ରହିବା, ମାସ୍କ ପିନ୍ଧିବା ଓ କୋଭିଡ୍ ନିୟମାବଳୀ ଅନୁପାଳନ କରିବା ଆବଶ୍ୟକ ।

- କୋଭିଡ୍ ଟିକାର ଦୁଇଟି ଯାକ ମାତ୍ରା ଗ୍ରହଣ କରିଥିବା ଲୋକମାନେ ମଧ୍ୟ ମାସ୍କ ପିନ୍ଧିବା ଓ ସାମାଜିକ ଦୂରତା ରକ୍ଷା କରିବା ସହିତ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ କରିବା ଜରୁରୀ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୯୯,୯୭,୧୪୦ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୪,୨୮, ୫୧୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୭୧, ୨୦୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୨୦୧୭ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୫୫,୨୪୫ ରହିଛି ।
- ୫୫,୨୪୫ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ଲକ୍‌ଡାଉନ୍ ଏଡ଼ାନ୍ତୁ'**